# ରୁଷିଆ ଓ ଚୀନ୍‌ର କରୋନା ଟିକା ଉପରେ ଆମେରିକାର ସନ୍ଦେହ



ୱାଶିଂଟନ୍, ୧୮/ଏଜେନ୍ସି: ମହାମାରୀ କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷାପାଇବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଟିକା ବିକଶିତ କରିବାରେ ଲାଗିଛନ୍ତି। ରୁଷିଆ ଓ ଚୀନ୍ ଏ କ୍ଷେତ୍ରରେ ସବୁଠାରୁ ଆଗରେ ରହିଥିବା କୁହାଯାଉଛି। ତେବେ ରୁଷିଆ ଓ ଚୀନ୍ ଦ୍ୱାରା ପରୀକ୍ଷା ଚାଲିଥିବା କରୋନା ଟିକାର ପ୍ରଭାବକୁ ନେଇ ଆମେରିକା ପ୍ରଶ୍ନ ଉଠାଇଛି। ଆମେରିକା ଦରକାର ପଡିଲେ ରୁଷିଆ ଓ ଚୀନ୍ ଦ୍ୱାରା ପ୍ରସ୍ତୁତ ହେଉଥିବା ଟିକା ବଜାରକୁ ଆସିଲେ ମଧ୍ୟ ଏହାକୁ ବ୍ୟବହାର କରିବ ନାହିଁ ବୋଲି କହିଛି। ବିଶ୍ୱରେ ୬,୭୯,୦୦୦ ଲୋକଙ୍କ ଜୀବନ ନେବା ସହ ୧୭.୯ ମିଲିୟନରୁ ଅଧିକ ଲୋକଙ୍କୁ ସଂକ୍ରମିତ କରିଥିବା କରୋନା ଭାଇରସ୍ ଆମେରିକାରେ ସବୁଠାରୁ ଅଧିକ କ୍ଷତି ଘଟାଇଛି। ଚୀନ୍‌ର ଉହାନରୁ ଉତ୍ପତ୍ତି ହୋଇଥିବା ଏହି ରୋଗରେ ଭାରତ ସମେତ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି। ପ୍ରଭାବିତ ଦେଶ ମଧ୍ୟରେ ବିଶ୍ୱରେ ୪ର୍ଥ ସ୍ଥାନରେ ରହିଛି ରୁଷିଆ। ତେଣୁ ସବୁ ଦେଶ ଭଳି ରୁଷିଆ ଓ ଚୀନ୍ ମଧ୍ୟ କରୋନା ସଂକ୍ରମଣକୁ ରୋକିବା ପାଇଁ ଟିକା ବାହାର କରିବା ପ୍ରକ୍ରିୟାରେ ଲାଗିଛନ୍ତି। ଏପରିକି ଆସନ୍ତା ସେପ୍ଟେମ୍ବର ମାସରେ ରୁଷିଆ ଦ୍ୱାରା ପ୍ରସ୍ତୁତ ଟିକା ବଜାରକୁ ଛଡ଼ାଯିବ ବୋଲି କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଆମେରିକାର ସଂକ୍ରାମକ ରୋଗ ବିଶେଷଜ୍ଞ ଆନ୍ଥୋନି ଫାଉସି କହିଛନ୍ତି, ରୁଷିଆ ଓ ଚୀନ୍ ଦ୍ୱାରା ଟିକାକୁ ବ୍ୟବହାର କରିବ ନାହିଁ। କାରଣ ସେମାନେ କୌଣସି ପ୍ରକାରର ସୁରକ୍ଷା ବ୍ୟବସ୍ଥାକୁ ପରୀକ୍ଷା ବେଳେ ବ୍ୟବହାର କରିନାହାନ୍ତି। ଚୀନ୍ ଓ ରୁଷିଆ କରୋନା ପାଇଁ ପ୍ରସ୍ତୁତ କରିଥିବା ଟିକାକୁ ଭଲ ଭାବେ ପରୀକ୍ଷା କରି ଏହାକୁ ବଜାରକୁ ଛାଡିବେ ବୋଲି ଆଶା କରାଯାଉଛି। ଆମେରିକା କଥା ବିଚାରକୁ ନେଲେ ଏଠାକାର ସରକାର ‘ଅପରେସନ ୱାର ସ୍ପିଡ୍’ ଆଧାରରେ କରୋନା ଟିକା କାର୍ଯ୍ୟରେ ଲାଗିଛନ୍ତି।